# ସାବିତ୍ରୀ ବ୍ରତ ପୂଜା ଓ କଥା

(ପୂର୍ବଦିଗରେ ପଥରର ଶିଳ ଓ ଶିଳପୁଆରେ ବଟା ହଳଦିକୁ ରଖି ସେଥିରେ ସୁନାହାର,କର୍ଣ୍ଣଭୂଷଣାଦି ବିଭିନ୍ନ ଅଳଙ୍କାର ଖଚିତ କରି ନୂତନ ବସ୍ତ୍ର, ପୁଷ୍ପହାରାଦି ମଣ୍ଡନ ପୂର୍ବକ ସାବିତ୍ରୀ ଓ ସତ୍ୟବାନ ରୂପରେ ପୂଜା ସକାଶେ  ପ୍ରସ୍ତୁତ କରିବେ । ପୂର୍ଣ୍ଣକୁମ୍ଭ ସ୍ଥାପନ ପୂର୍ବକ ଘିଅଦୀପ ଓ ଧୂପଦାନୀ ରଖି ବରୁଣପୂଜା ପାଇଁ ଏବଂ ଲକ୍ଷ୍ମୀ ନାରାୟଣ, ଯମ ଧର୍ମରାଜ, ଚିତ୍ରଗୁପ୍ତ ଓ ସାବିତ୍ରୀ, ସତ୍ୟବାନଙ୍କ ଉଦ୍ଦେଶ୍ୟରେ ଭୋଗରଖି ଆବଶ୍ୟକ ସ୍ଥଳେ ବିଦେଶ ସ୍ଥାନରେ ସ୍ଥାନ, କାଳ, ପାତ୍ରାନୁସାରୀ ସଂକ୍ଷିପ୍ତ ପୂଜା କରି ବ୍ରତ କଥା ଶ୍ରବଣ କରିବ । ତମ୍ବାପାତ୍ରୀରେ ଅକ୍ଷତ, ଗନ୍ଧ, ପୁଷ୍ପ, ଗଙ୍ଗାଜଳ ଗୁଆ ରଖି କୁଶରେ ବଟୁ ନିର୍ମାଣ କରି ପ୍ରଥମେ ଡାହାଣ ହାତର ଅନାମିକା ଅଙ୍ଗୁଳିରେ (*ଓଁ ଶ୍ରାଁ ହ୍ରାଁ କ୍ଲୀଁ ବଟୁକାୟ ନମଃ* ) ଉଚ୍ଚାରଣ କରି ବଟୁ ଧାରଣ କରିବ ।

ବଟୁ ପ୍ରାର୍ଥନା ମନ୍ତ୍ର-    *ବଟୁ ରୂପୋ ସ୍ମୃତୋ ବ୍ରହ୍ମା ବଟୁରୂପୀ ଜନାର୍ଦ୍ଦନ*

*ବଟୁରୂପୀ ନୀଳକଣ୍ଠ ସର୍ବୋହି ବଟୁରୂପକଃ* //

ତାହାପରେ ହଳଦିଆ ଚାଉଳ ନିଜେ ବସିଥିବା ସ୍ଥାନରେ ଓ ପୂଜା ସ୍ଥାନରେ ପକାଇବା ସମୟରେ ଏହି ମନ୍ତ୍ର ପଢିବ । ( *ଅପସର୍ପନ୍ତୁତେ ଭୁତାଃ, ଯେଭୂତାଃ ଭୂମି ସଂସ୍ଥିତା, ଯେଭୁତାଃ ବିଘ୍ନ କର୍ତାରଃ ସ୍ତେନଶ୍ୟନ୍ତୁ ଶିବାଜ୍ଞୟା*) ତାହାପରେ ନିଜ ମୁଣ୍ଡରେ ପାଣି ଟିକିଏ ତଳ ଲିଖିତ ମନ୍ତ୍ର ପଢି ସିଂଚିବ । (ମୁଣ୍ଡରେ ପାଣି ସିଞ୍ଚିବା ମନ୍ତ୍ର) ଯଥା- *ଓଁ ଅପବିତ୍ରୋ ପବିତ୍ରୋବା ସର୍ବାବସ୍ଥାଂ ଗତୋପିବ, ଯଃ ସ୍ମରେତ୍ ପୁଣ୍ଡରିକାକ୍ଷଂ ସବାହ୍ୟାଭ୍ୟନ୍ତରମ୍ ଶୁଚିଃ* ) ତତ୍ପରେ ଓଁ ବିଷ୍ଣୁଃ ଓଁ ବିଷ୍ଣୁଃ ଓଁ ବିଷ୍ଣୁଃ ତିନିଥର ଉଚ୍ଚାରଣ କରି ପାତ୍ରୀରୁ ତିନିଥର ଜଳ ଗ୍ରହଣ କରି ଆଚମନ କରିବ ।

ତାହାପରେ ବରୁଣ ପୂଜା କରିବ । ପ୍ରଥମତଃ ହାତରେ ପୁଷ୍ପ, ଅକ୍ଷତ ଧରି ବିଘ୍ନ ବିନାଶକାରୀ ଗଣେଶଙ୍କୁ ପ୍ରାର୍ଥନା କରିବ ।

ଧ୍ୟାନ -   *ଖର୍ବଂ ସ୍ଥୁଳ ତନୁଂ ଗଜେନ୍ଦ୍ର ବଦନଂ ଲମ୍ବୋଦରଂ ସୁନ୍ଦରଂ*

*ପ୍ରସ୍ୟନ୍ଦନ ମଦଗନ୍ଧ ଲୁବ୍ଧ ମଧୁପ ଂ ବ୍ୟାଲୋଳ ଗଣ୍ଡସ୍ଥଳମ୍*

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

OdishaAstrology.com

*ଦନ୍ତାଘାତେ ବିଦାରିତାରିରୁଧିରୈଃ ସିନ୍ଦୁରେ ଶୋଭାକରମ୍*

*ବନ୍ଦେ ଶୈଳସୂତା ସୁତ ଗଣପତି ସିଦ୍ଧିପ୍ରଦଂ କାମଦଃ ॥*

ତାହାପରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନଙ୍କୁ ପୁଷ୍ପାକ୍ଷତ ଧାରଣ ପୁର୍ବକ  ଧାନ କରିବ ।

ବଳଭଦ୍ରଙ୍କ ଧାନ-   *ଦୋଭ୍ୟାଂ ଶୋଭିତ ଲାଙ୍ଗଳଂ ସମୂଷଳଂ କାଦମ୍ବରୀ ଚଂଚଳମ୍ ରତ୍ନାଢ୍ୟଂ*

*ବରକୁଣ୍ଡଳୈଃ ଭୁର୍ଜବଳୈଃ ରାକ୍ରାନ୍ତ ଭୂମଣ୍ଡଳମ୍*

*ବଜ୍ରାଭ୍ରାମର ଚାରୁଗଣ୍ଡ ଯୁଗଳଂ ନାଗେନ୍ଦ୍ର ଚୁଡୋଜ୍ଜ୍ୱଳମ୍*

*ସଂଗ୍ରାମେ ଚପଳଂ ଶଶାଙ୍କ ଧବଳଂ ଶ୍ରୀକାମପାଳଂ ଭଜେ ॥*

ସୁଭଦ୍ରାଙ୍କ ଧାନଂ-   *ନାନା ଭୂଷଣ ଭୂଷିତାଂ ସୁମନସା ମାନନ୍ଦ କଲ୍ଲୋଳିନୀଂ*

*ଫୁଲ୍ଲେନ୍ଦିବର ନୀଳଲୋଳ ନୟନାଂ ଶ୍ରୀରାମକୃଷ୍ଣାନୁଜାମ୍*

*ସର୍ବାଭିଷ୍ଟ ବିଧାନ ଦାନନିରତାଂ ତ୍ରଲୋକ୍ୟ ସମ୍ମୋହିନୀମ୍*

*ଦେବେଶୀଂ ଭବଦୁଃଖ ଦାହଶମନୀ ଦେବୀ ସୁଭଦ୍ରାଂ ଭଜେ ॥*

ଜଗନ୍ନାଥଙ୍କ ଧାନଂ- *ରଚ୍ଛାମ୍ଭୋ ରୁହଦର୍ପଭଞ୍ଜନମହା ସୌନ୍ଦର୍ଯ୍ୟନେତ୍ର ଦ୍ୱୟମ୍*

*ମୁଚ୍ଛାହାରବିଲମ୍ବି ହେମ ମୁକୁଟଂ ରତ୍ନୋଜ୍ଜ୍ୱଳତ୍ କୁଣ୍ଡଳମ୍*

*ବର୍ଷାମେଘ ସମାନ ନୀଳ ବପୁଷାଂ ଗ୍ରେବେୟ ହାରାନ୍ୱିତମ୍*

*ପାର୍ଶ୍ୱେ ଚକ୍ରଧରଂ ପ୍ରସନ୍ନ ବଦନଂ ନିଳଦ୍ରିନାଥଂ ଭଜେ ।*

OdishaAstrology.com


**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

ସୁଦର୍ଶନଙ୍କ ଧ୍ୟାନଂ-*ଉଗ୍ରଂସୌମ୍ୟଂ ପ୍ରଶାନ୍ତଂ ମଣିମୟମୁକୁଟଂ ବାଳାର୍କକାନ୍ତି ସମମ୍*

*ଯୋଗୀନାଂଙ୍ଗୁଷ୍ଠମାତ୍ରଂ ପୁରୁଷବିତ ମହତ୍ ଆତ୍ମଚକ୍ରାଧିନାଥ*

*ଭକ୍ତାନାଂ ବଜ୍ରତୁଲ୍ୟଂ ଅରିକୁଳଦଳନେ ପ୍ରାଣସଂହାର ଚକ୍ରଂ*

*ବନ୍ଦେ ଧର୍ମ ନିଦର୍ଶନ ହରିମୁଖ ପାପାତ୍ମଭୀତି ପ୍ରଦମ୍ ॥*

ତାହାପରେ ହଳଦିଆ ଚାଉଳ ଅକ୍ଷ ଧରି( *ଓଁ ଅଦ୍ୟମାରମ୍ଭ ଶୁଭାୟ ଶୁଭଂ ଭବତୁ*) କହି ତିନିଥର ପୂର୍ଣ୍ଣକୁମ୍ଭ ଉପରେ ପକାଇ ପ୍ରାର୍ଥନା କରିବ ।

ପ୍ରାର୍ଥନା ମନ୍ତ୍ର- *ଓଁ ସର୍ବ ମଙ୍ଗଳଂ ମାଙ୍ଗଲ୍ୟଂ ବରେଣ୍ୟଂ ବରଦଂ ଶୁଭମ୍*

*ନାରାୟଣ ନମସ୍କୃତ୍ୟଂ ସର୍ବକର୍ମାଣିଂ କାରୟେତ୍*

*ଅଭିପ୍ରେତାର୍ଥ ସିଦ୍ଧ୍ୟର୍ଥଂ ପୂଜିତଂ ଯଂ ସୁରାସୁରୈଃ*

*ସର୍ବ ବିଘ୍ନ ବିନାଶାୟ ଗଣାଧିପତୟେ ନମଃ*

ପୁନଶ୍ଚ ପୁଷ୍ପାକ୍ଷତ ଧରି-(*ଓଁ ଗଣାନାତ୍ୱାଂ ଗଣପତିଗୁଁ ହବାମହେ, ପ୍ରିୟାଣାତ୍ୱାଂ ପ୍ରିୟପତିଗୁଁ ହବାମହେ, ନିଧିନାତ୍ୱାଂ ନିଧିପତିଗୁଂ ହବାମହେ, ବସୋମମ, ଓଁ ଗଣପତୟେ ନମଃ, ଗଣପତିଂ ଆବାହୟାମି, ଗଣପତେଃ ଅତ୍ରାଗଛଃ*) କହହି ପୂର୍ଣ୍ଣକୁମ୍ଭ ଉପରେ ପୁଷ୍ପାକ୍ଷତ ପକାଇଦେବ ।

ପୁନଶ୍ଚ ପୁଷ୍ପାକ୍ଷତ ଧରି-*ଓଁ ଇମ୍ମମେ ବରୁଣଂ ଶ୍ରୁଧୀ ହବମଦ୍ୟାଚ ମୃଡୟଃ, ଓଁ ବରୁଣାୟ ନମଃ, ବରୁଣ ମାବାହୟାମି, ବରୁଣାୟ ଅତ୍ରାଗଛଃ ॥* କହି ହରିଦ୍ରାକ୍ଷତ ପକାଇବ ।

ପୁନଶ୍ଚ-*ଓଁ ଆକୃଷ୍ଣେନ ରଜସା ବର୍ତମାନୋ ନିବେଶୟନ୍ନ ଅମୃତଂମର୍ତ୍ୟଂଚ, ହିରଣ୍ମୟେନ ସବିତା ରଥେନ ଦେବୋଯାତି ଭୂବନାନି ପଶ୍ୟନଃ ॥ ଓଁ ଆଦିତ୍ୟାଦି ନବଗ୍ରହେଭ୍ୟୋ ନମଃ, ଆଦିତ୍ୟାଦି*


**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

*ନବଗ୍ରହେଭ୍ୟୋ ମାବାହୟାମି, ଆଦିତ୍ୟାଦି ନବଗ୍ରହେଭ୍ୟୋ ଅତ୍ରାଗଛତଃ* (ପୁଷ୍ପାକ୍ଷତ ପୂର୍ଣ୍ଣକୁମ୍ଭ ଉପରେ ପକାଇଦେବ )

ପୁନଶ୍ଚ- *ଓଁ ତ୍ରାତାରମିନ୍ଦ୍ରଂ ମବିତାରମିନ୍ଦଂ ହବେ ହବେ ସୁହବ  ସୁରମିନ୍ଦ୍ରଂ, ହ୍ୱୟାମି ଶକ୍ରଂ କ୍ରମାଯ଼ ମିନ୍ଦ୍ରଂ ସ୍ୱସ୍ତିନୋ ମଘବାନ୍ ଧାତିନ୍ଦ୍ରଃ ।। ଓଁ ଇନ୍ଦ୍ରାଦି ଦଶ ଦିକ୍‌ପାଳେଭ୍ୟୋ ନମଃ, ଇନ୍ଦ୍ରାଦି ଦଶ ଦିକ୍‌ପାଳନା ମାବାହୟାମି, ଇନ୍ଦ୍ରାଦି ଦଶ ଦିକ୍‌ପାଳେଭ୍ୟା ଅତ୍ରାଗଛତଃ* ।। ହରିଦ୍ରାକ୍ଷତ ପୂର୍ଣ୍ଣକୁମ୍ଭ ଉପରେ ପକାଇବ ।

ପୁନଶ୍ଚ- *ଓଁ ଯଦା ଗ୍ରାମେ ଯଦରଣ୍ୟେ ଯତ୍ ସଭାୟାଂ ଯଦିନ୍ଦ୍ରିୟେ,ଯଦେନ ଶକ୍ରଂ କ୍ରମାୟ ମିଦଂ, ତଦ୍ ବୟଜା ମହେ ।। ଓଁ ଗ୍ରାମଦେବତାୟୈ ନମଃ, ଗ୍ରାମଦେବତୀ ମାବାହୟାମି, ଗ୍ରାମଦେବତେ ଅତ୍ରାଗଛ* ।। ପୁଣି ହରିଦ୍ରାକ୍ଷତ ପକାଇବ । ( ତାହାପରେ ହାତକୁ ଅଞ୍ଜଳି କରି *ଇହାଗଛ, ଇହତିଷ୍ଠ, ଇହ ସନ୍ନିରୁଦ୍ଧ ଭବ, ମମ ପୂଜା ଗୃହାଣଂ, ଆବାହନଂ, ସଂସ୍ଥାପନଂ, ସନ୍ନିଧାନଂ ସକଳୀକରଣଂ, ଅବଗୁଣ୍ଠନଂ , ଧେନୁମୁଦ୍ରା, ଅମୃତିକୃତ୍ୟ, ମହାମୁଦ୍ରା, ପରମୀକରଣାନୀ* କହିବ କିମ୍ୱା ଦଶମୁଦ୍ରା ପ୍ରଦର୍ଶନ କରିବ । ତତ୍ପରେ ଅର୍ଘ୍ୟ(ପାତ୍ରୀରି ପାଣି ଫୁଲରେ ଧରି ପୁର୍ଣ୍ଣକୁମ୍ଭ ଉପରେ ସିଞ୍ଚିବ) ଗନ୍ଧ(ଚନ୍ଦନ) , ପୁଷ୍ପ, ଧୁପ, ଦୀପ, ଦେବା ପରେ ଭୋଗ ନୈବେଦ୍ୟକୁ ପୂଜା କରିବ ।

*ଓଁ ଗଣପତୟେ ନମଃ, ଗଣପତୟେ ଅର୍ଘ୍ୟଂ ସ୍ୱାହା, ଓଁ ବରୁଣାୟ ନମଃ, ବରୁଣାୟ ଅର୍ଘ୍ୟଂ ସ୍ୱାହା, ଓଁ ଆଦିତ୍ୟାଦି ନବଗ୍ରଭ୍ୟୋ ନମଃ, ଆଦିତ୍ୟାଦି ନବଗ୍ରହେଭ୍ୟା ଯଥାବିଭାଗଂ ଅର୍ଘ୍ୟଂ ସ୍ୱାହା, ଓଁ ଇନ୍ଦ୍ରାଦି ଦଶଦିକ୍‌ପାଳେଭ୍ୟା ନମଃ, ଇନ୍ଦ୍ରାଦି ଦଶଦିକ୍‌ପାଳାନାଂ ଯଥାବିଭାଗଂ ଅର୍ଘ୍ୟଂ ସ୍ୱାହା, ଓଁଗ୍ରାମଦେବତାୟୈ ନମଃ, ଗ୍ରାମ ଦେବତାୟୈଃ ଅର୍ଘ୍ୟଂ ସ୍ୱାହା ।।* ଏହିପରି ଭାବରେ (ଗଣେଶ, ବରୁଣ, ଆଦିତ୍ୟାଦି ନବଗ୍ରହ, ଇନ୍ଦ୍ରାଦି ଦଶଦିଗପାଳ ଓ ଗ୍ରାବଦେବୀ ସମେତ ୫ ଦେବତାଙ୍କୁ ଅର୍ଘ୍ୟ ଦେବ)

ପୂର୍ବପରି ଉପର ଲିଖିତ ମନ୍ତ୍ର ମାଧ୍ୟମରେ *ଗନ୍ଧମ୍ ନମଃ, ପୁଷ୍ପାଣି ବୌଷଟ୍, ଧୂପମ୍ ସ୍ୱାହା, ଦୀପମ୍ ସ୍ୱାହା* କରି ୫ ଦେବତାଙ୍କ ସକାଶେ ପୂର୍ଣ୍ଣକୁମ୍ଭ ଉପରେହିଁ ଦେବ । ତତ୍ପରେ (*ବୀକ୍ଷଣ ପ୍ରୋକ୍ଷଣ, ତାଡନଂ, ଅବଗୁଣ୍ଠନଂ, ଧେନୁମୁଦ୍ରା, ଅମୃତିକୃତ୍ୟ, ମହାମୁଦ୍ରା.ପରମୀକରଣାନି*) କହି ପୂଜା ସକାଶେ

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

# ସାବିତ୍ରୀ ବ୍ରତ ପୂଜା ଓ କଥା

ରଖାଯାଇଥିବା ଭୋଗ ଉପରେ ପାତ୍ରୀରୁ ପାଣି ଟିକିଏ ସିଞ୍ଚି , ଫୁଲ ଟିକିଏ ପୂଜା ଉପରେ ପକାଇ, ହାତରେ ଫୁଲ, ପାଣି ଧରି, ବାମ ହାତରେ ଘଣ୍ଟି ବଜାଇ ୫ ଦେବତାଙ୍କ ନାମାନୁଯାୟୀ ମନ୍ତ୍ର ବୋଲିବ ।।ଯଥା- *ଓଁ ଗଣପତୟେ ନମଃ, ଓଁ ବରୁଣାୟ ନମଃ, ଓଁ ଆଦିତ୍ୟାଦି ନବଗ୍ରହେଭ୍ୟୋ ନମଃ, ଇନ୍ଦ୍ରାଦି ଦଶଦିଗ୍ ପାଳେଭ୍ୟୋନମଃ, ଓଁ ଗ୍ରାମଦେବତାୟୈ ଯଥା ବିଭାଗଂ ନବୈଦ୍ୟଂ ସ୍ୱାହା* କହି ଭୋଗ ଉପରେ ସେହି ଫୁଲ ପାଣିକୁ ପକାଇଦେବ । ପୁନଶ୍ଚ ବାମ ହାତରେ ଫୁଲଧରି ଡାହାଣ ହାତକୁ ଭୋଗ ଉପରେ ବୁଲାଇ ବାମ ହାତ ଫୁଲକୁ ସ୍ପର୍ଶ କରାଉଥିବ । ସେହି ସମୟରେ *ଓଁ ପ୍ରାଣାୟ ସ୍ୱାହା,ଓଁ ଅପାନାୟ ସ୍ୱାହା,ଓଁ ବ୍ୟାନାୟ ସ୍ୱାହା,ଓଁ ଉଦାନାୟ ସ୍ୱାହା ,ଓଁ ସମାନାୟ ସ୍ୱାହା,* କହି ବାମ ହାତର ଫୁଲକୁ ପୂର୍ଣ୍ଣକୁମ୍ଭ ଉପରେ ପକାଇ ଦେବ । ତାହାପରେ ପାତ୍ରୀରୁ ପାଣି ଟିକିଏ (*ଓଁ କ୍ରମୁକାୟ ନମଃ,କ୍ରମୁକାନ୍ତେ ଆଚମନୀୟ ସ୍ୱଧା* ) କହି ତଳେ ପକାଇଦେବ । ତାହାପରେ ୫ ଦେବତାଙ୍କୁ ଜଣ ଜଣ କରି ମନ୍ତ୍ର ଉଚ୍ଚାରଣ ପୂର୍ବକ ପୁଷ୍ପ, ଅକ୍ଷତ, ଦୁବ, ବରକୋଳି ପତ୍ର, ଧରି ପୂର୍ଣ୍ଣକୁମ୍ଭ ଉପରେ ୫ ଥର ପକାଇବ । ପ୍ରଥମେ ଗଣେଶଙ୍କୁ ପୁଷ୍ପାଞ୍ଜଳୀ ଦେବ ।

ମନ୍ତ୍ର ଯଥା- *ଓଁ ଆୟୁର୍ଦେହି ଯଶୋଦେହୀ ଶ୍ରିୟଂଦେହୀ ତ୍ୱମେବଚ,*

*ପୁତ୍ରଂ ପୌତ୍ରଂ ପ୍ରପୌତ୍ରଂ ଚ ଦେହିମେ ଗଣନାୟକଃ ।।*

*ଓଁ ଗଣପତୟେ ପୂଜାର୍ଙ୍ଗ ଦୁର୍ବାବଦରାକ୍ଷତ ପୁଷ୍ପାଣି ବୌଷଟ୍ ।।* ଉପର ଲିଖିତ ମନ୍ତ୍ର ବୋଲି ଗଣେଶଙ୍କ ଉଦ୍ଦେଶ୍ୟରେ ହାତରେ ଧରିଥିବା ପୁଷ୍ପାକ୍ଷତ ପୂର୍ଣ୍ଣକୁମ୍ଭ ଉପରେ ପକାଇବ । ପୁନଶ୍ଚ ପୁଷ୍ପାକ୍ଷତ ଧରି- *ଓଁ ଯସ୍ୟ ଲୋମ୍ନିସ୍ଥିତା ମେଘାଃ ସିନ୍ଧୁ ସାଗର ନିମ୍ନଗାଃ, କୁକ୍ଷୌ ସମୁଦ୍ରଚତ୍ୱାରଃ ତସ୍ମୈ ତୋୟାତ୍ମନେ ନମଃ ।। ଓଁ ବରୁଣାୟ ପୂଜାର୍ଙ୍ଗ ଦୁର୍ବାବଦରାକ୍ଷତ ପୁଷ୍ପାଣି ବୌ।।ଷଟ୍* । ପୁନଶ୍ଚ-*ପୁଷ୍ପାକ୍ଷତଂ ଗୃହିତ୍ୱା - ଓଁ ସୂର୍ଯଃ ସୋମାଙ୍ଗାରକଶ୍ଚ ଜୀବଭୃଗୁର୍କୀ ରାହବେ,କେତୁରେତେ ପ୍ରଯଚ୍ଛନ୍ତୁ ମମାୟୁ ବଳଦା ଗ୍ରହାଃ,ଆଦିତ୍ୟାଦି ନବଗ୍ରହାଣାଂ ଯଥାବିଭାଗଂ ପୂଜାର୍ଙ୍ଗ ଦୁର୍ବାବଦରାକ୍ଷତ ପୁଷ୍ପାଣି ବୌଷଟ୍* ।। ପୁନଶ୍ଚ -*ଇନ୍ଦ୍ରାଦୟଃ ସୁରାଃ*

*ସର୍ବେ ନକ୍ଷତ୍ରାଣି ଚ ରାଶୟଃ, ଦୀର୍ଘମାୟୁଃ ପ୍ରଯଚ୍ଛନ୍ତୁ ମମାୟୁ ବଳଦା ଗ୍ରହାଃ ।। ଇନ୍ଦ୍ରାଦି ଦଶଦିକ୍‌ପାଳେଭ୍ୟୌ ପୂଜାର୍ଙ୍ଗ ଦୁର୍ବାବଦରାକ୍ଷତ ପୁଷ୍ପାଣି ବୌଷଟ୍* । ପୁନଶ୍ଚ - *ସଦାଗ୍ରାମ ପ୍ରିୟେ ଦେବୀ*

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

*ସର୍ବଲୋକ ହିତୈଷିଣୀ. ସର୍ବକାମଂ ପ୍ରଦେ ପୂଜ୍ୟେ ଦୀର୍ଘମାୟୁଃ ପ୍ରଯଚ୍ଛମେ* । ପୁନଶ୍ଚ – *ସର୍ବ ମଙ୍ଗଳଂ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ, ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣ ନମୋସ୍ତୁତେ । ଇଷ୍ଟ ଦେବତାଭ୍ୟୋ ନମଃ, କୁଳ ଦେବତାଭ୍ୟୋ ନମଃ ପୁଜାଙ୍ଗଂ ଦୁର୍ବାବଦରାକ୍ଷତ ପୁଷ୍ପାଣି ବୌଷଟ୍ ।*

ତାହାପରେ ପୁର୍ଣ୍ଣକୁମ୍ଭକୁ ନମସ୍କାର କରିବ ।

ନମସ୍କାର ଧ୍ୟାନଂ– *ପୂର୍ଣ୍ଣକୁମ୍ଭଂ ନମସ୍ତେସ୍ତୁ ନମସ୍ତେ ମୁନୀ ପୁଙ୍ଗବଃ,ନମସ୍ତେ ବେଦଗର୍ଭାୟ ନମସ୍ତେ ବରୁଣାୟଚ, ପୂର୍ଣ୍ଣୟିଶ୍ୟାମ ପୂର୍ଣ୍ଣ ସକାଶାଂ ପୂର୍ଣ୍ଣାଶ୍ଚୈବ ମନୋରଥାଃ,ପୂର୍ଣ୍ଣକୁମ୍ଭ ପ୍ରସାଦେନଂ ଯଜ୍ଞମେ ପୂର୍ଣ୍ଣତାଂ ଭବ ।। ଇତି ବରୁଣ ପୂଜା* ।।

ତାହାପରେ ପ୍ରଥମେ ଲକ୍ଷ୍ମୀ ଓ ନାରାୟଣଙ୍କ ପୂଜା କରିବ ।

ଲକ୍ଷ୍ମୀ ଓ ନାରାୟଣଙ୍କ ପୂଜା–ହାତରେ ପୁଷ୍ପାକ୍ଷତ ଧରି ବୋଲିବ – *ଓଁ ସହସ୍ରଶୀର୍ଷା ଇତ୍ୟସ୍ୟ ମନ୍ତ୍ରସ୍ୟ, ନାରାୟଣ ଋଷିଃ, ଅନୁଷ୍ଟୁପ୍ ଛନ୍ଦଃ, ଲକ୍ଷ୍ମୀ ନାରାୟଣୌ ଦେବତେ, ମମ ସପରିବାରସ୍ୟ ଆୟୁଃ, ଆରୋଗ୍ୟ, ଧନ, ଜନ, ଗୋପଲକ୍ଷ୍ମୀ ଚତୁର୍ବର୍ଗ ଫଳ ପ୍ରାପ୍ତ୍ୟେ ଶ୍ରୀଲକ୍ଷ୍ମୀ ନାରାୟଣସ୍ୟ ପୂଜାକର୍ମଣି ବିନିଯୋଗଃ ।। ଓଁ ସହସ୍ରଶୀର୍ଷା ପୁରୁଷଃ, ସହସ୍ରାକ୍ଷଃ ସହସ୍ରପାତ୍, ସଭୂମିଂ ସର୍ବତଃ ସ୍ପୃତ୍ୱା ତ୍ୟତିଷ୍ଠ ଦଶାଙ୍ଗୁଳଂ, ଓଁ ଲକ୍ଷ୍ମୀ ନାରାୟଣାୟ ନମଃ, ଲକ୍ଷ୍ମୀ ନାରାୟଣ ମାବାହୟାମି, ଲକ୍ଷ୍ମୀ ନାରାୟଣ ଅତ୍ରାଗଚ୍ଛତଃ, ଇହାଗଚ୍ଛ, ଇହତିଷ୍ଠ, ମମପୂଜା ଗୃହାଣଂ ତାପରେ ଆବାହନ, ସଂସ୍ଥାନାଦି* ଦଶମୁଦ୍ରା ପ୍ରଦର୍ଶନ କରି ୫ ଉପଚାରରେ ପୁଜା କରିବ । ଯଥା– *ଓଁ ଲକ୍ଷ୍ମୀ ନାରାୟଣାଭ୍ୟାଂ ଅର୍ଘ୍ୟଂ ସ୍ୱାହାଃ, ଓଁ ଲକ୍ଷ୍ମୀନାରାୟଣାଭ୍ୟାଂ ଗନ୍ଧୋ ନମଃ, ଓଁ ଲକ୍ଷ୍ମୀନାରାୟଣାଭ୍ୟାଂ ପୁଷ୍ପାଣି ବୌଷଟ୍, ଓଁ ଲକ୍ଷ୍ମୀନାରାୟଣାଭ୍ୟାଂ ଧୂପମ୍ ସ୍ୱାହା, ଓଁ ଲକ୍ଷ୍ମୀନାରାୟଣାଭ୍ୟାଂ ଦୀପମ୍ ସ୍ୱାହା* ।। ପୂଜାଭୋଗ ଉପରେ ପାତ୍ରୀରୁ ପାଣି ଟିକିଏ ସିଂଚି ବୋଲିବ( *ତତୋ ନୈବେଦ୍ୟ ସଂସ୍କାରଃ– ବୀକ୍ଷଣଂ ପ୍ରୋକ୍ଷଣଂ ଚ ଏବ, ତାଡନଂ ଚାବଗୁଣ୍ଠନଂ, ଧେନୁମୁଦ୍ରା ମହାମୁଦ୍ରା ଦ୍ରବ୍ୟଶୁଦ୍ଧି ପ୍ରକୀର୍ତ୍ତିତାଃ* ) ବାମ ହାତରେ ଘଂଟି ବଜାଇ *ଓଁ ଲକ୍ଷ୍ମୀନାରାୟଣାୟ ଯଥା ବିଭାଗଂ ନୈବେଦ୍ୟ ସ୍ୱାହା*,ଏହା ପାଠ କରି ଫୁଲ ସହ ହାତରେ ଧରିଥିବା ଜଳ ସହ ,ଭୋଗଉପରେ ପକାଇବା ପରେ ପୁନଶ୍ଚ ହାତରେ ଫୁଲ, ଓ ଜଳ ଧରି *ଓଁ ପ୍ରାଣାୟ ସ୍ୱାହା,*


**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

ଓଁ ଅପାନାୟ ସ୍ୱାହା, ଓଁ ବ୍ୟାନାୟ ସ୍ୱାହା, ଓଁ ଉଦାନାୟ ସ୍ୱାହା, ଓଁ ସମାନାୟ ସ୍ୱାହା ।। କହିବା ପରେ କଳସ ଉପରେ ଉପରେ ଫୁଲଟିକୁ ପକାଇଦେବ । ପୁନଶ୍ଚ ହାତରେ ପୁଷ୍ପାଞ୍ଜଳି ଧରି ପ୍ରାର୍ଥନା କରିବ-

ନମେସ୍ତସ୍ତୁ ମହାମାୟେ଼ୖ ଶ୍ରୀପୀଠେ ସୁର ପୂଜିତେ,

ଶଙ୍ଖ ଚକ୍ର ଗଦା ହସ୍ତେ ମହାଲକ୍ଷ୍ମୀ ନମୋସ୍ତୁତେ ।।

ନାରାୟଣାୟ ଶତଚନ୍ଦ୍ର ନିଭାନନାୟ,ନାରାୟଣାୟ ମଣିକୁଣ୍ଡଳ ଧାରଣାୟ,

ନାରାୟଣାୟ ନିଜଭକ୍ତି ପରାୟଣାୟ,ନାରାୟଣାୟ ଶୁଭଗାୟ ନମୋ ନମସ୍ତେ ।।

ଓଁ ଲକ୍ଷ୍ମୀନାରାୟଣାଭ୍ୟାଂ ପୂଜାଙ୍ଗ ଦୁର୍ବାବଦାରାକ୍ଷତ ପୁଷ୍ପାଣି ବୌଷଟ୍ । ଏହା କହି କଳସ ଉପରେ ପୁଷ୍ପାଞ୍ଜଳି ଦେଇ  ପ୍ରଣାମ କରିବ ।

ତାହାପରେ ଯମଧର୍ମରାଜ ପୂଜା-

ଓଁ ଯମେନଦତ ଇତ୍ୟସ୍ୟ ମନ୍ତ୍ରସ୍ୟ, ଜମଦଗ୍ନି ଦୀର୍ଘତମୌ ଋଷିଃ, ତ୍ରିଷ୍ଟୁପ୍ ଛନ୍ଦଃ, ଯମ ଧର୍ମରାଜ ଦେବତା ମମ ପତି ପରମେଶ୍ୱରସ୍ୟ ଆୟୁଃ ବିବୃଦ୍ଧ୍ୟର୍ଥଂ ସୁଖ, ସୌଭାଗ୍ୟ ପ୍ରାପ୍ତୟେ ଯମ ଧର୍ମରାଜାୟ ପୂଜାକର୍ମଣି ବିନିଯୋଗଃ ।। ଓଁ ଯମ ଧର୍ମରାଜାୟ ନମଃ, ଯମଧର୍ମରାଜ ମାବାହୟାମି, ଯମଧର୍ମରାଜାୟ ଅତ୍ରାଗଚ୍ଛଃ, ଇହାଗଚ୍ଛ, ଇହତିଷ୍ଠ, ମମପୂଜା ଗୃହାଣଂ ତାପରେ ଆବାହନ, ସଂସ୍ଥାନାଦି ଦଶମୁଦ୍ରା ପ୍ରଦର୍ଶନ କରି ୫ ଉପଚାରରେ ପୂଜା କରିବ । ଯଥା- ଓଁ ଯମ ଧର୍ମରାଜାୟ ଅର୍ଘ୍ୟଂ ସ୍ୱାହାଃ, ଓଁ ଯମ ଧର୍ମରାଜାୟ ଗନ୍ଧୋ ନମଃ, ଓଁ ଯମ ଧର୍ମରାଜାୟ ପୁଷ୍ପାଣି ବୌଷଟ୍, ଓଁ ଯମ ଧର୍ମରାଜାୟ ଧୂପମ୍ ସ୍ୱାହା, ଓଁ  ଯମ ଧର୍ମରାଜାୟ ଦୀପମ୍ ସ୍ୱାହା ।। ପୂଜାଭୋଗ ଉପରେ ପାତ୍ରୀରୁ ପାଣି ଟିକିଏ ସିଂଚି ବୋଲିବ( ତତୋ ନୈବେଦ୍ୟ ସଂସ୍କାରଃ- ବୀକ୍ଷଣଂ ପ୍ରୋକ୍ଷଣଂ ଚ ଏବ,ତାଡନଂ ଚାବଗୁଣ୍ଠନଂ, ଧେନୁମୁଦ୍ରା ମହାମୁଦ୍ରା ଦ୍ରବ୍ୟଶୁଦ୍ଧି ପ୍ରକୀର୍ତ୍ତିତାଃ) ବାମ ହାତରେ ଘଂଟି ବଜାଇ ଓଁ ଯମ ଧର୍ମରାଜାୟ ଯଥା ବିଭାଗଂ ନୈବେଦ୍ୟ ସ୍ୱାହା,ଏହା ପାଠ କରି ଫୁଲ ସହ ହାତରେ ଧରିଥିବା ଜଳ ସହ, ଭୋଗଉପରେ ପକାଇବା ପରେ ପୁନଶ୍ଚ ହାତରେ ଫୁଲ ଓ ଜଳ ଧରି ଓଁ ପ୍ରାଣାୟ ସ୍ୱାହା, ଓଁ ଅପାନାୟ ସ୍ୱାହା, ଓଁ

OdishaAstrology.com

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

*ବ୍ୟାନାୟ ସ୍ୱାହା, ଓଁ ଉଦାନାୟ ସ୍ୱାହା, ଓଁ ସମାନାୟ ସ୍ୱାହା* ।। କହିବା ପରେ କଳସ ଉପରେ ଉପରେ ଫୁଲଟିକୁ ପକାଇଦେବ । ପୁନଶ୍ଚ ହାତରେ ପୁଷ୍ପାଞ୍ଜଳି ଧରି ପ୍ରାର୍ଥନା କରିବ-

*କାଳଂ ଭୟଙ୍କରତରଂ ମହିଷାଧିରୁଢ଼ଂ,କୃଷ୍ଣଂ ସଦଣ୍ଡ କରମମ୍ବୁଧରାଭଗାତ୍ରଂ,*

*କହ୍ଲାରସାର ସଦୃଶା ରଣ ଲୋଚନାନ୍ତଂ,ମୁଦ୍ୟତ୍ କରାଟ ମନୁଚିନ୍ତୟତାଂ ମନୀଷାଂ*

ପ୍ରାର୍ଥନା ପରେ ପୁଷ୍ପାଞ୍ଜଳୀକୁ କଳସ ଉପରେ ପକାଇ ପ୍ରଣାମ କରିବ ।

ତତ୍ପରେ ଚିତ୍ରଗୁପ୍ତଙ୍କ ପୂଜା କରିବ-

*ଓଁ ଚିତ୍ରାବସୋ ଇତ୍ୟସ୍ୟ ମନ୍ତ୍ରସ୍ୟ, ଦେବା ଋଷୟଃ, ଯଜୁଃଛନ୍ଦଃ, ଚିତ୍ରଗୁପ୍ତୋ ଦେବତା, ମମ ପତି ପରମେଶ୍ୱରସ୍ୟ ଆୟୁଃ ଆରୋଗ୍ୟ ବିବୃଦ୍ଧ୍ୟର୍ଥଂ ଚିତ୍ରଗୁପ୍ତସ୍ୟ ପୂଜା କର୍ମଣି ବିନିଯୋଗଃ ।। ଓଁ ଚିତ୍ରଗୁପ୍ତାୟ ନମଃ, ମାବାହୟାମି, ଅତ୍ରାଗଚ୍ଛଃ, ଇହାଗଚ୍ଛ, ଇହତିଷ୍ଠ, ମମପୂଜା ଗୃହାଣଂ ତାପରେ ଆବାହନ, ସଂସ୍ଥାନାଦି* ଦଶମୁଦ୍ରା ପ୍ରଦର୍ଶନ କରି ୫ ଉପଚାରରେ ପୁଜା କରିବ । ଯଥା- *ଓଁ ଚିତ୍ରଗୁପ୍ତାୟ ଅର୍ଘ୍ୟଂ ସ୍ୱାହାଃ, ଓଁ ଚିତ୍ରଗୁପ୍ତାୟ ଗନ୍ଧୋ ନମଃ, ଓଁ ଚିତ୍ରଗୁପ୍ତାୟ ପୁଷ୍ପାଣି ବୌଷଟ୍, ଓଁ ଚିତ୍ରଗୁପ୍ତାୟ ଧୂପମ୍ ସ୍ୱାହା, ଓଁ ଚିତ୍ରଗୁପ୍ତାୟ ଦୀପମ୍ ସ୍ୱାହା* ।। ପୂଜାଭୋଗ ଉପରେ ପାତ୍ରୀରୁ ପାଣି ଟିକିଏ ସିଂଚି ବୋଲିବ( *ତତୋ ନୈବେଦ୍ୟ ସଂସ୍କାରଃ- ବୀକ୍ଷଣଂ ପ୍ରୋକ୍ଷଣଂ ଚ ଏବ, ତାଡନଂ ଚାବଗୁଣ୍ଠନଂ, ଧେନୁମୁଦ୍ରା ମହାମୁଦ୍ରା ଦ୍ରବ୍ୟଶୁଦ୍ଧି ପ୍ରକୀର୍ତ୍ତିତାଃ*) ବାମ ହାତରେ ଘଂଟି ବଜାଇ *ଓଁ ଚିତ୍ରଗୁପ୍ତାୟ ନୈବେଦ୍ୟ ସ୍ୱାହା*,ଏହା ପାଠ କରି ଫୁଲ ସହ ହାତରେ ଧରିଥିବା ଜଳ ସହ ଭୋଗଉପରେ ପକାଇବା ପରେ ପୁନଶ୍ଚ ହାତରେ ଫୁଲ ଓ ଜଳ ଧରି *ଓଁ ପ୍ରାଣାୟ ସ୍ୱାହା, ଓଁ ଅପାନାୟ ସ୍ୱାହା, ଓଁ ବ୍ୟାନାୟ ସ୍ୱାହା, ଓଁ ଉଦାନାୟ ସ୍ୱାହା, ଓଁ ସମାନାୟ ସ୍ୱାହା* ।। କହିବା ପରେ କଳସ ଉପରେ ଉପରେ ଫୁଲଟିକୁ ପକାଇଦେବ । ପୁନଶ୍ଚ ହାତରେ ପୁଷ୍ପାଞ୍ଜଳି ଧରି ପ୍ରାର୍ଥନା କରିବ-

ଧ୍ୟାନଂ- *ଚିତ୍ରଗୁପ୍ତୋ ମହାପ୍ରାଜ୍ଞୋ ଲେଖନୀ ପତ୍ରଧାରକଃ,*

*ଦ୍ୱିଭୁଜ ଶିଶୁ ରୂପଶ୍ଚ ତଥାଚାତୀବ ସୁନ୍ଦରଃ ।।*


**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

# ସାବିତ୍ରୀ ବ୍ରତ ପୂଜା ଓ କଥା

ତାହାପରେ ସାବିତ୍ରୀଙ୍କ ପୂଜା – *ଓଁ ଗାୟତ୍ରାଃ, ବିଶ୍ୱାମିତ୍ର ଋଷିଃ, ଗାୟତ୍ରୀଛନ୍ଦଃ, ସବିତା ଦେବତା, ଓଁ ଣୀ ବୀଜଂ, ଯ୍ଂ ଶକ୍ତିଃ, ମମ ଅଖଣ୍ଡ ସଧବା ସୁଖ, ସୌଭାଗ୍ୟ, ଧନ, ଜନ, ଗୋପଲକ୍ଷ୍ମ୍ୟାଦି ଚତୁର୍ବର୍ଗଫଳ ପ୍ରାପ୍ତ୍ୟେ ସାବିତା ଦେବୀ ପୂଜା କର୍ମଣି ବିନିଯୋଗଃ ॥ ଓଁ ଭୁଃ ଅଙ୍ଗୁଷ୍ଠାଭ୍ୟାଂ ନମଃ, ଭୁବଃ ତର୍ଜନୀଭ୍ୟାଂ ସ୍ୱାହା,ସ୍ୱଃ ମଧ୍ୟମାଭ୍ୟାଂ ବୌଷଟ୍, ଓଁ ତତ୍ସବିତୁର୍ବରେଣ୍ୟଂ ଅନାମିକାଭ୍ୟାଂ ହୁଂ, ଓଁ ଭର୍ଗୋଦେବସ୍ୟ ଧୀମହି କନିଷ୍ଠିକାଭ୍ୟାଂ ହୂଂ, ଧୀୟୋୟୋନଃ ପ୍ରଚୋଦୟାତ୍ କରତଳ କରପୃଷ୍ଠାଭ୍ୟାଂ ଫଟ୍ ଏବଂ ଅଙ୍ଗନ୍ୟାସଃ ॥*

ଧ୍ୟାନଂ - *ଶୁଦ୍ଧ ସ୍ଫଟିକ ସଙ୍କାଶ ସାବିତ୍ରୀ ରୁଚିରାନନା,*

*ପଦ୍ମାସନାଂ ରାଜପୁତ୍ରୀଂ ବୀଣା ପୁସ୍ତକଧାରିଣୀଂ,*

*ତ୍ରଲୋକ୍ୟ ସୁନ୍ଦରୀଂ ଧ୍ୟାୟେତ୍ ଦିବ୍ୟାଭରଣାଭୂଷିତାଂ*

*ନବଯୌବନ ଭୂଷାଢ୍ୟାଂ ପକ୍ୱ ବିମ୍ବାଧରାଂ ଶୁଭାଂ ॥*

ହାତରେ ଫୁଲ ଓ ଅକ୍ଷତ ଧରି *ଓଁ ତତ୍ସବିତୁଃ ର୍ବରେଣ୍ୟଂ ର୍ଭଗୋଦେବସ୍ୟ ଧୀମହି ଧୀୟୋୟୋନଃ ପ୍ରଚୋଦୟାତ୍, ସାବିତ୍ରୀ ଦେବ୍ୟୈ ନମଃ, ସାବିତ୍ରୀ ଦେବୀ ମାବାହୟାମି, ସାବିତ୍ରୀ ଦେବ୍ୟୈ ଅତ୍ରାଗଛଃ ଇହାଗଛ, ଇହତିଷ୍ଠ, ମମପୂଜା ଗୃହାଣଂ, ତାପରେ ଆବାହନ, ସଂସ୍ଥାପନାଦି* ଦଶମୁଦ୍ରା ପ୍ରଦର୍ଶନ କରି ୫ ଉପଚାରରେ ପୁଜା କରିବ । ଯଥା- *ଓଁ ସାବିତ୍ରୀ ଦେବ୍ୟୈ ଅର୍ଘ୍ୟଂ ସ୍ୱାହାଃ, ଓଁ ସାବିତ୍ରୀ ଦେବ୍ୟୈ ଗନ୍ଧୋ ନମଃ, ଓଁ ସାବିତ୍ରୀ ଦେବ୍ୟୈ ପୁଷ୍ପାଣି ବୌଷଟ୍, ଓଁ ସାବିତ୍ରୀ ଦେବ୍ୟୈ ଧୂପମ୍ ସ୍ୱାହା, ଓଁ ସାବିତ୍ରୀ ଦେବ୍ୟୈ ଦୀପମ୍ ସ୍ୱାହା ॥*

(ବରୁଣ ପୁଜା ପରେ ଲକ୍ଷ୍ମୀନାରାୟଣ ଓ ଚିତ୍ରଗୁପ୍ତଙ୍କ ଆବାହନାଦି ନୈବେଦ୍ୟ ପର୍ଯ୍ୟନ୍ତ କରି ପୁଷ୍ପାଞ୍ଜଳୀ ଦେବେ । କିନ୍ତୁ ସାବିତ୍ରୀ, ସତ୍ୟବାନଙ୍କୁ ଆବାହନ, ଅର୍ଘ୍ୟ, ଗନ୍ଧ, ପୁଷ୍ପ, ଧୂପ ଓ ଦୀପ ଦେବା ପରେ ସାବିତ୍ରୀ ବ୍ରତ କଥା ଶୁଣିବ । ତାହାପରେ ନଡିଆ ଭାଙ୍ଗି ପୂଜାକରିବ, ପ୍ରାର୍ଥନା କରିବ ଓ ଅର୍ଘ୍ୟ, କ୍ଷୀର ଚାଉଳ, ଆଳତି ଓ ପୁଷ୍ପାଞ୍ଜଳୀ ଦେଇ ବ୍ରତ ସମ୍ପୂର୍ଣ୍ଣ କରିବ )

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

# ସାବିତ୍ରୀ ବ୍ରତ ପୂଜା ଓ କଥା

ପୂଜାଭୋଗ ଉପରେ ପାତ୍ରୀରୁ ପାଣି ଟିକିଏ ସିଂଚି ବୋଲିବ(*ତତୋ ନୈବେଦ୍ୟ ସଂସ୍କାରଃ- ବୀକ୍ଷଣଂ ପ୍ରୋକ୍ଷଣଂ ଚ ଏବ, ତାଡନଂ ଚାବଗୁଣ୍ଠନଂ, ଧେନୁମୁଦ୍ରା ମହାମୁଦ୍ରା ଦ୍ରବ୍ୟଶୁଦ୍ଧି ପ୍ରକୀର୍ତ୍ତିତାଃ*) ବାମ ହାତରେ ଘଂଟି ବଜାଇ *ଓଁ ସାବିତ୍ରୀ ଦେବ୍ୟୈଃ ଇଦଂ ଅମୃତ ନୈବେଦ୍ୟଂ ସ୍ୱାହା*,ଏହା ପାଠ କରି ଫୁଲ ସହ ହାତରେ ଧରିଥିବା ଜଳ ସହ, ଭୋଗଉପରେ ପକାଇବା ପରେ ପୁନଶ୍ଚ ହାତରେ ଫୁଲ ଓ ଜଳ ଧରି *ଓଁ ପ୍ରାଣାୟ ସ୍ୱାହା, ଓଁ ଅପାନାୟ ସ୍ୱାହା, ଓଁ ବ୍ୟାନାୟ ସ୍ୱାହା, ଓଁ ଉଦାନାୟ ସ୍ୱାହା, ଓଁ ସମାନାୟ ସ୍ୱାହା* ।। କହିବା ପରେ କଳସ ଉପରେ ଉପରେ ଫୁଲଟିକୁ ପକାଇଦେବ । ପୁନଶ୍ଚ ହାତରେ ପୁଷ୍ପାଞ୍ଜଳି ଧରି ପ୍ରାର୍ଥନା କରିବ-

*ବେଦମାତ ନମସ୍ତୁଭ୍ୟଂ ମାଧବୈଚ ନମୋନମଃ,*

*ପତିବ୍ରତେ ମହାଭାଗେ ବହ୍ନିଯୋନେ ଶୁଚିସ୍ମିତେ,*

*ଦୃଢବ୍ରତେ ଦୃଢମତେ ଭର୍ତ୍ତୁଃ ସତ୍ ପ୍ରିୟବାଦିନୀ,*

*ଅବୈଧବ୍ୟଂ ଚ ସୌଭାଗ୍ୟଂ ଦେହିତ୍ୱଂ ମମ ସୁବ୍ରତେ, //*

ତାହାପରେ ସତ୍ୟବାନଙ୍କ ପୂଜା କରିବ- *ଓଁ ସତ୍ୟବ୍ରତେ ନମଃ, ସତ୍ୟବ୍ରତ ମାବାହୟାମି, ସତ୍ୟବ୍ରତଃ ଅତ୍ରାଗଛଃ । ଇହାଗଛ, ଇହତିଷ୍ଠ, ମମପୂଜା ଗୃହାଣ ତାପରେ ଆବାହନ, ସଂସ୍ଥାନାଦି* ଦଶମୁଦ୍ରା ପ୍ରଦର୍ଶନ କରି ୫ ଉପଚାରରେ ପୁଜା କରିବ । ଯଥା- *ଓଁ ଇହାଗଛ, ଇହତିଷ୍ଠ, ମମପୂଜା ଗୃହାଣ ତାପରେ ଆବାହନ, ସଂସ୍ଥାନାଦି* ଦଶମୁଦ୍ରା ପ୍ରଦର୍ଶନ କରି ୫ ଉପଚାରରେ ପୁଜା କରିବ । ଯଥା- *ଓଁ ସତ୍ୟବ୍ରତେଃ ଅର୍ଘ୍ୟଂ ସ୍ୱାହାଃ, ଓଁ ସତ୍ୟବ୍ରତେଃ ଗନ୍ଧୋ ନମଃ, ଓଁ ସତ୍ୟବ୍ରତେଃ ପୁଷ୍ପାଣି ବୌଷଟ୍, ଓଁ ସତ୍ୟବ୍ରତେଃ ଧୂପମ୍ ସ୍ୱାହା, ଓଁ ସତ୍ୟବ୍ରତେଃ ଦୀପମ୍ ସ୍ୱାହା* ।। ପୂଜାଭୋଗ ଉପରେ ପାତ୍ରୀରୁ ପାଣି ଟିକିଏ ସିଂଚି ବୋଲିବ(*ତତୋ ନୈବେଦ୍ୟ ସଂସ୍କାରଃ- ବୀକ୍ଷଣଂ ପ୍ରୋକ୍ଷଣଂ ଚ ଏବ, ତାଡନଂ ଚାବଗୁଣ୍ଠନଂ, ଧେନୁମୁଦ୍ରା ମହାମୁଦ୍ରା ଦ୍ରବ୍ୟଶୁଦ୍ଧି ପ୍ରକୀର୍ତ୍ତିତାଃ*) ବାମ ହାତରେ ଘଂଟି ବଜାଇ *ଓଁ ସତ୍ୟବ୍ରତେଃ ନୈବେଦ୍ୟ ସ୍ୱାହା*,ଏହା ପାଠ କରି ଫୁଲ ସହ ହାତରେ ଧରିଥିବା ଜଳ ସହ ,

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

# ସାବିତୀ ବ୍ରତ ପୂଜା ଓ କଥା

ଭୋଗଉପରେ ପକାଇବା ପରେ ପୁନଶ୍ଚ ହାତରେ ଫୁଲ ଓ ଜଳ ଧରି *ଓଁ ପ୍ରାଣାୟ ସ୍ୱାହା, ଓଁ ଅପାନାୟ ସ୍ୱାହା, ଓଁ ବ୍ୟାନାୟ ସ୍ୱାହା, ଓଁ ଉଦାନାୟ ସ୍ୱାହା, ଓଁ ସମାନାୟ ସ୍ୱାହା* ।। କହିବା ପରେ କଳସ ଉପରେ ଉପରେ ଫୁଲଟିକୁ ପକାଇଦେବ । ପୁନଶ୍ଚ ହାତରେ ପୁଷ୍ପାଞ୍ଜଳି ଧରି ପ୍ରାର୍ଥନା କରିବ-

*ସତ୍ୟବ୍ରତଂ ରାଜପୁତ୍ରଂ ରାଜଲକ୍ଷଣ ସଂଯୁକ୍ତଂ,*

*ପୂର୍ଣ୍ଣ ଚନ୍ଦ୍ରାନନ ଗୌରଂ ସର୍ବାଭରଣ ଭୂଷିତଂ ।।*

*ଓଁ ସତ୍ୟବ୍ରତେ ପୂଜାଙ୍ଗଂ ଦୁର୍ବାବଦରାକ୍ଷତ ପୁଷ୍ପାଣି ବୌଷଟ୍* କହି ପ୍ରଣାମ କରିବ ।। ତାହାପରେ ସାବିତ୍ରୀ ବ୍ରତ କଥାକୁ ବ୍ରହ୍ମଣଙ୍କ ଦ୍ୱାରା ଶବଣ କରିବ କିମ୍ବା ନିଜେ ପାଠ କରିବ ।।

## ସାବିତ୍ରୀ ବ୍ରତ କଥା-

ଦିନେ ପାଣ୍ଡୁସୂତ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ବିନୟ ବଚନରେ ପଚାରିଲେ- ହେ ଦେବ, ମୋ ପ୍ରତି ଅନୁଗ୍ରହ କରି ମୁଁ ଯାହା ପଚାରୁଛି, ତାହା କହନ୍ତୁ କେଉଁ ବ୍ରତ କଲେ ନାରୀମାନେ ଭାଗ୍ୟବତୀ ହୋଇ ବିଧବା ନୁହଁନ୍ତି ଓ ଜନେ ସୁଖୀ ହୁଅନ୍ତି । ଦୟାକରି ଆମ୍ଭ ଆଗରେ ତାହା ପ୍ରକାଶ କରନ୍ତୁ । ଯୁଧିଷ୍ଠିରଙ୍କ ବଚନ ଶୁଣି, ଶ୍ରୀକୃଷ୍ଣ କହୁଅଛନ୍ତି, ହେ ରାଜନ, ତୁମ୍ଭେ ଯାହା ପଚାରିଲ ତାହା ମୁଁ ଏବେ କହୁଅଛି ଶୁଣ । ସ୍ତ୍ରୀମାନେ ନାନାଦି ବ୍ରତ ପାଳନ କରନ୍ତି । ତନ୍ମଧ୍ୟରୁ ପ୍ରଧାନବ୍ରତ ସାବିତୀ ବ୍ରତ ନାମରେ କଥିତ । ସେହି ବ୍ରତ କଲେ ପତି, ପୁତ୍ର, ଧନ ଓ ମାନ ଲାଭ କରନ୍ତି । ଅତି ଆନନ୍ଦରେ ଦିନ କଟାନ୍ତି । ଏହାଶୁଣି ଧର୍ମରାଜ ଯୁଧିଷ୍ଠିର ପଚାରିଲେ- ହେ ଗୋପୀନାଥ, ସେହି ବ୍ରତ କେଉଁମାନେ କରି କି ଫଳ ପାଇଅଛନ୍ତି ?ଏହା ମୋ ଆଗରେ କହନ୍ତୁ, ଏହା ଶୁଣି ଶ୍ରୀକୃଷ୍ଣ ଅତି ମଧୁର ବଚନରେ କହୁଅଛନ୍ତି, ହେ ଧର୍ମସୂତ, ଅଶ୍ୱପତି ନାମରେ ଜଣେ ରାଜା ଥିଲେ । ସେ ଅବନୀ ମଣ୍ଡଳରେ ଦୟାଶୀଳ, ଧର୍ମପରାୟଣ, ପ୍ରଜାପାଳକ ଓ  ନାନା ଗୁଣରେ ବିଖ୍ୟାତ ହୋଇଥିଲେ । କୁବେର ଭଣ୍ଡାର ପରି ତାହାଙ୍କର ଭଣ୍ଡାର ସଦାବେଳେ ପରିପୂର୍ଣ୍ଣ ଥାଏ । କେବଳ ପୁଅଟିଏ ନଥିବାରୁ ସେହି ରାଜାଙ୍କର ମନ ସର୍ବଦା ବିରସ ରହିଥାଏ । ଏହିପରି କେତେଦିନ ଗଲା ପରେ, ଏକ ଋଷିବର ସେହି ରାଜାଙ୍କ ନିକଟକୁ ଗମନ କଲେ

OdishaAstrology.com

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

# ସାବିତୀ ବ୍ରତ ପୂଜା ଓ କଥା

। ସେହି ରାଜା ଋଷିଙ୍କୁ ଦେଖି, ସାଷ୍ଟାଙ୍ଗ ଭୂମିଷ୍ଠ ପ୍ରଣିପାତ ହୋଇ, ପୁଣି ପାଦ ଧୌତ କଲେ । ଋଷିବର ରାଜାଙ୍କର ଭକ୍ତିଭାବ ଦେଖି, ମହା ସନ୍ତୁଷ୍ଟ ହେଲେ । ଧ୍ୟାନ ବଳରେ ରାଜାଙ୍କର ମନର ଦୁଃଖ ଜାଣିପାରି କହିଲେ, ହେ ରାଜନ୍, ତୁମ୍ଭେ ଏତେ ବିରସ ମନରେ କାହିଁକି ଅଛ ? ଏହାଶୁଣି ରାଜା କହିଲେ, ହେ ମୁନୀବର, ଧନ, ମାନ ଓ ପ୍ରଜାସୁଖରେ ରହି ମଧ୍ୟ, ପୁତ୍ର ସନ୍ତାନଟିଏ ନଥିବାରୁ ମନରେ ଶାନ୍ତି ନାହିଁ । ଋଷି କହିଲେ, ହେ ରାଜନ୍, ଆମ୍ଭେ ଗୋଟିଏ ମନ୍ତ୍ର କହିବୁ । ସେହି ମନ୍ତ୍ର ଭକ୍ତିରେ ଜପ କଲେ ତାହାବଳରେ ଗୋଟିଏ କନ୍ୟାରତ୍ନ ପ୍ରାପ୍ତ ହେବ । ସେହି କନ୍ୟା ତୁମ୍ଭର ତିନିକୂଳକୁ ଉଦ୍ଧାର କରିବ ଏବଂ ମହୀତଳରେ ଯଶ ରଖିବ । ତୁମ୍ଭେ ଏହି କଥା କର । ମୁନୀବର ରାଜାଙ୍କୁ ମନ୍ତ୍ରଟି କହି ଚାଲିଗଲେ । ସେହିଦିନଠାରୁ ଅଶ୍ୱପତି ରାଜା ନିୟମରେ ମନ୍ତ୍ର ଜପକରନ୍ତି । କେତେଦିନ ଗଲାପରେ ସେହି ମନ୍ତ୍ର ପ୍ରଭାବରୁ ଏକ ଦୁହିତା ଶୁଭ ଲଗ୍ନରେ ଜନ୍ମ ହେଲା । ସେହି ଦୁହିତା ସାବିତ୍ରୀ ମନ୍ତ୍ର ପ୍ରଭାବରୁ ଜନ୍ମଗ୍ରହଣ କରିଥିବାରୁ ତାହାର ନାମ ସାବିତ୍ରୀ ରଖିଲେ । ଶୁକ୍ଳପକ୍ଷରେ ଚନ୍ଦ୍ର ବୃଦ୍ଧି ପରି ମାତାପିତାଙ୍କ ଆଦର ଯତ୍ନ ପାଇ ସାବିତ୍ରୀ ବଢ଼ିଲେ । କ୍ରମେ ସାବିତ୍ରୀଙ୍କୁ ଅଠର ବର୍ଷ ବୟସ ହେଲା । ପ୍ରତ୍ୟେକ ଦିନ ସାବିତ୍ରୀ ପରିଚାରୀ ମାନଙ୍କୁ ସଙ୍ଗରେ ଧରି ଋଷିଙ୍କ ଆଶ୍ରମକୁ ଯାଆନ୍ତି । ଋଷି ମାନଙ୍କର ସେବା କରନ୍ତି । ଋଷିମାନେ ସାବିତ୍ରୀଙ୍କ ସେବାରେ ସନ୍ତୁଷ୍ଟ ହୋଇ କଲ୍ୟାଣ କରନ୍ତି । ସାବିତ୍ରୀ ସ୍ୱପ୍ନରେ ହେଲେ ମଧ୍ୟ ପୁରୁଷଙ୍କ ମୁଖ ଦେଖିନାହାନ୍ତି । ଦିନକରେ ସଖୀମାନଙ୍କୁ ସଙ୍ଗରେ ଧରି ବନବିହାର କରୁଥିଲେ । ଏମନ୍ତ ସମୟରେ ଋଷି ମାନଙ୍କ ସହିତ ଏକ  ସୁନ୍ଦର ପୁରୁଷକୁ ଦେଖିଲେ । ସେହି ପୁରୁଷକୁ ଦେଖି ମୋହିତ ହୋଇ ଆଖି ପିଛାଡି ପାରିଲେ ନାହିଁ । ସାବିତ୍ରୀ ଋଷିଙ୍କୁ ପୁଛାକଲେ, ହେ ମୁନୀବର, ଏହି  ଯୁବକ କାହାର ସୂତ ମୋତେ କହନ୍ତୁ । ଏହାଶୁଣି ମୁନୀ କହିଲେ, ଅବନ୍ତୀ ନଗରରେ ଦ୍ୟୁମତ୍‌ସେନ ନାମରେ ଏକ ରାଜାଥିଲେ । ତାହାଙ୍କର ନାମ ସତ୍ୟବାନ ଓ ଅନ୍ୟ ଏକ ନାମ ଚିତ୍ରସେନ । ଏହି ଚିତ୍ରସେନ, ଦ୍ୟୁମ୍‌ତସେନଙ୍କର ଏକମାତ୍ର ପୁତ୍ର ଅଟନ୍ତି । ମୁନୀଙ୍କ ମୁଖରୁ ଏହା ଶୁଣି, ସାବିତ୍ରୀ ମନେ ମନେ ଭାବିଲେ, ମୁଁ ଏହି ଚିତ୍ରସେନଙ୍କୁ ପତି ରୂପରେ ବରଣ କରିବି । ଏହା ଭାବି ଗୃହକୁ ସମସ୍ତେ ଚଳିଗଲେ । ସାବିତ୍ରୀ ମାତାଙ୍କୁ ସକଳ ବିଷୟ କହିଲେ । ରାଣୀ ସେହି କଥା ଯାଇ ରାଜାଙ୍କୁ କହିଲେ । ରାଜା କହିଲେ, ସେ କାହାର ପୁତ୍ର ? କିପରି ତାହାଙ୍କୁ ଦୁହିତା ଦାନ ଦେବା ?

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

OdishaAstrology.com

# ସାବିତ୍ରୀ ବ୍ରତ ପୂଜା ଓ କଥା

ଏହିପରି କଥାବାର୍ତ୍ତା ହେଉଥିବା ସମୟରେ ନାରଦ ମହାମୁନୀ ପ୍ରବେଶ ହେଲେ । ରାଜା ନାରଦ ମହାମୁନୀଙ୍କୁ ଦେଖି, ଯଥାମାନ୍ୟରେ ପାଦ ଧୌତ କରି ଦିବ୍ୟ ଆସନରେ ବସାଇଲେ । ଏମନ୍ତ ସମୟରେ ସେହି ସ୍ଥାନରେ ଦୁହିତା ସାବିତ୍ରୀ ଯାଇ ପ୍ରବେଶ ହେଲେ । ନାରଦ ପଚାରିଲେ, ହେ ରାଜନ୍, ଏ କାହାର କୁମାରୀ ? ରାଜା କହିଲେ, ହେ ମୁନୀବର, ବହୁ ତପେ ଏ କୁମାରୀକୁ ପାଇଛି । ଏ ମୋର ଅନୁଢ଼ା କନ୍ୟା । ବନସ୍ତରେ ଏ କାହାକୁ ବରିଅଛି ବୋଲି କହୁଛି । ନୃପତିଙ୍କ ବାକ୍ୟ ଶୁଣି ନାରଦ ମହାମୁନୀ ସାବିତ୍ରୀଙ୍କୁ ପଚାରିଲେ- ଗୋ ସାବିତ୍ରୀ, ତୁ କାହାକୁ ବରିଅଛୁ ? ଆମ୍ଭ ଆଗରେ କହ । ଏହାଶୁଣି ସାବିତ୍ରୀ କହିଲେ, ଅବନ୍ତୀ ନଗରରେ ଏକ ରାଜାଥିଲେ । ତାହାଙ୍କର ନାମ ଦ୍ୟୁମତ୍ସେନ । ତାହାଙ୍କର ପୁତ୍ର ସତ୍ୟବାନ ଓ ଅନ୍ୟ ଏକ ନାମ ଚିତ୍ରସେନ । ତାହାଙ୍କର ରୂପ ଓ ଗୁଣ ଦେଖି ମୋହର ଶ୍ରଦ୍ଧା ବଳିଲା । ଏହା ଶୁଣି ନାରଦ କହିଲେ, ହେ ଅଶ୍ୱପତି, ଦ୍ୟୁମତ୍ସେନ ଚକ୍ଷୁହୀନ ହେବାରୁ ଶତ୍ରୁମାନେ ରାଜ୍ୟ ନେଇଗଲେ । ସେହି ରାଜା ଏବେ ସକୁଟୁମ୍ବ ଅରଣ୍ୟରେ ବାସ କରୁଅଛନ୍ତି । ସେହି ରାଜା ସକଳ ଗୁଣରେ ଗୁଣୀ ଅଟନ୍ତି । ମାତ୍ର ଆମ୍ଭେ ବୋଲୁଅଛୁଁ,ଏହି ବିବାହ ଅନୁଚିତ । ସେହି ସତ୍ୟବାନର ଏକବର୍ଷ ମାତ୍ର ଆୟୁଷ ଅଛି । ସେଥିଯୋଗୁଁ ଆମ୍ଭେ ନାସ୍ତି କରୁଅଛୁ । ତେଣୁକରି ଅନ୍ୟସ୍ଥାନେ ବିବାହ ହେବା ଉଚିତ । ସାବିତ୍ରୀ କହିଲେ, ହେ ପିତା, ତାଙ୍କ ବ୍ୟତୀତ ଅନ୍ୟ ପୁରୁଷ ବରିବି ନାହିଁ । ଅନ୍ୟ ପୁରୁଷ ବରିଲେ ମୁଁ ଅସତୀ ଦୋଚାରୁଣୀ ହେବି । ଅତଏବ ମୋଭାଗ୍ୟରେ ଯାହା ଅଛି ତାହା ଫଳିବ । ସତ୍ୟବାନ ବିନା ଅନ୍ୟ ପୁରୁଷକୁ ବରିବି ନାହିଁ । ସତ୍ୟବାନଙ୍କୁ ମୋତେ ପ୍ରଦାନ କରନ୍ତୁ । ସାବିତ୍ରୀଙ୍କ ଠାରୁ ନାରଦ ଏହିପରି ବଚନ ଶୁଣି ମହାସନ୍ତୋଷରେ କହିଲେ, ସାବିତ୍ରୀ, ଧନ୍ୟ ତୋ ସତୀପଣ, ତୋର ମନୋବାଂଛା ସିଦ୍ଧି ହେଉ । ତୁ ନିଶ୍ଚୟ ଭାଗ୍ୟବତୀ ହେବୁ । ଏହା କହି ମୁନୀବର ନିଜସ୍ଥାନକୁ ଚାଲିଗଲେ । ତହୁଁ ରାଜା ଅଶ୍ୱପତି ବିଭାଘର ଉତ୍ସବ ମଣ୍ଡାଇବାକୁ ଆଦେଶ ଦେଲେ । ଶୁଭ ଲଗ୍ନରେ ସତ୍ୟବାନଙ୍କୁ କନ୍ୟା ସମ୍ପ୍ରଦାନ କଲେ । ସତ୍ୟବାନ ସାବିତ୍ରୀଙ୍କୁ ଘେନି ପିତୃ ସମୀପକୁ ଚାଲିଗଲେ । ସାବିତ୍ରୀ ଶାଶୁ, ଶ୍ୱଶୁରଙ୍କୁ ନମସ୍କାର କଲେ । ରାଜା ଓ ରାଣୀ ପୁତ୍ର ଓ ପୁତବଧୂଙ୍କୁ ଆଶୀର୍ବାଦ ଦେଲେ । ପ୍ରତିଦିନ ସାବିତ୍ରୀ ଶାଶୁ, ଶ୍ୱଶୁରଙ୍କୁ ଯଥା ଭକ୍ତିରେ ସେବା କରୁଥାନ୍ତି । ଦେବତା, ବ୍ରାହ୍ମଣଙ୍କୁ ଭକ୍ତିକରି ପୂଜା କରୁଥାନ୍ତି । ଏହିପରି କେତେ ଦିନ ଗଲା । ନାରଦଙ୍କ କଥା

OdishaAstrology.com

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

# ସାବିତ୍ରୀ ବ୍ରତ ପୂଜା ଓ କଥା

ସାବିତ୍ରୀ ଦେବୀ ସର୍ବଦା ମନରେ ଭାବନା କରୁଥାନ୍ତି । ରାଜା, ରାଣୀ ଓ ସତ୍ୟବାନ ଏହିକଥା କେହି ଜାଣନ୍ତି ନାହିଁ । ସାବିତ୍ରୀଙ୍କ ସ୍ୱଭାବ ଦେଖି ଶାଶୁ, ଶ୍ୱଶୁର ଅତ୍ୟନ୍ତ ଆନନ୍ଦ ଲଭୁଥାନ୍ତି । ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଅମାବାସ୍ୟା ଦିନ ସତ୍ୟବାନଙ୍କ ଆୟୁ ଶେଷ ହେବ । ଏହିକଥା ସାବିତ୍ରୀ ହେତୁ ରଖିଥାନ୍ତି । କ୍ରମେ ସତ୍ୟବାନଙ୍କ ଆୟୁ ଶେଷ ନିକଟ ହେଲା । ରାତି ପାହିଲେ ଜ୍ୟେଷ୍ଠ ମାସ ଅମାବାସ୍ୟା ହେବ । ଏକଥା ସାବିତ୍ରୀ ଜାଣି ଲକ୍ଷ୍ମୀ ନାରାୟଣ ପୂଜା ନିମନ୍ତେ ଉପବାସ କଲେ ଓ ଲକ୍ଷ୍ମୀ ନାରାୟଣ ସ୍ତୋତ୍ରମାନ ପାଠ କଲେ । ଆମ୍ବ, କଦଳୀ, ନଡିଆ, ତାଳ, ଖଜୁରୀକୋଳି ପ୍ରଭୃତି ନାନା ଦ୍ରବ୍ୟମାନ ପୂଜାକଲେ । ବ୍ରାହ୍ମଣ ଭୋଜନ କରାଇଲେ । ସାବିତ୍ରୀ, ଶାଶୁ, ଶ୍ୱଶୁର ଓ ଗେରସ୍ତଙ୍କୁ ଡାକି ଭୋଜନ ସାମଗ୍ରୀ ବାଢିଲେ । ଭୋଜନାନ୍ତେ ଶାଶୁ, ଶ୍ୱଶୁର କହିଲେ, ବଧୂ ବର୍ତ୍ତମାନ ତୁମେ ଭୁଞ୍ଜିବସ । ସାବିତ୍ରୀ କହିଲେ, ମୁଁ ବ୍ରତ ପାଳିଛି, ଆଜଦିନ ଶେଷରେ ଭୁଞ୍ଜିବି । ଏହିପରି କହି ସେମାନଙ୍କୁ ପ୍ରବୋଧ ଦେଲେ । କ୍ରମେ କ୍ରମେ ତିନି ପ୍ରହର ବେଳ ହେଲା । ସତ୍ୟବାନ କହିଲେ-ପିତା, କାଠ, ଫୁଲ, ଫଳ କିଛି ନାହିଁ । ମୁଁ ଯାଉଛି, ଖୋଜିକରି ଆଣିବି । ଏପରି ପିତା, ମାତାଙ୍କୁ ସତ୍ୟବାନ କହିବାରୁ ସାବିତ୍ରୀ ବିଚାର କଲେ, ମରଣ ସ୍ଥାନକୁ ବିଧାତା ପଥ କଢାଉଛି । ଏହି ସମୟରେ ସାବିତ୍ରୀ, ଶାଶୁ, ଶ୍ୱଶୁରଙ୍କୁ ନମସ୍କାର କରି କହିଲେ ମୁଁ ମଧ୍ୟ ସ୍ୱାମୀଙ୍କ ସହିତ ବଣକୁ ଯିବି । ବନରୁ ଆସିଲେ ଭୁଞ୍ଜିବି, ମୋତେ ମନା କରନ୍ତୁ ନାହିଁ । ସାବିତ୍ରୀଙ୍କ ଏହିପରି ଦୃଢ ବଚନ ଶୁଣି ରାଜାରାଣୀ ସତ୍ୟବାନଙ୍କୁ ଡାକି କହିଲେ, ଆରେ ବାବୁ, ବଧୂ ତୋ ସାଙ୍ଗରେ ବନକୁ ଯାଉଛି । ସାବଧାନରେ ଯିବୁ । ଅନ୍ଧାର ନହେଉଣୁ ବାହାରି ଆସିବୁ । ସତ୍ୟବାନ ପିତା, ମାତାଙ୍କ ଠାରୁ ଏପରି ବଚନ ଶୁଣି ସାବିତ୍ରୀଙ୍କ ସହିତ ବନକୁ ଗଲେ । ବନରୁ ନାନା ଫଳମୂଳ ଖୋଜି ସାବିତ୍ରୀଙ୍କ ନିକଟରେ ଦେଇ କହିଲେ, ପ୍ରିୟେ ତୁମେ ଏହିଠାରେ ବସ, ମୁଁ କାଠ ହାଣିବି । ଏହାକହି ସତ୍ୟବାନ ବୃକ୍ଷ ନିକଟକୁ ଗଲେ । ତାଙ୍କୁ ସେହି ସ୍ଥାନ ଅନ୍ଧାର ଦିଶିଲା । ସେହି ସ୍ଥାନରେ ବସିପଡି କହିଲେ, ସାବିତ୍ରୀ, ମୋର ମୁଣ୍ଡ କାହିଁକି ବ୍ୟଥା କରୁଛି । ମୋତେ ଅନ୍ଧାର ଦିଶୁଛି । ମୋର ପ୍ରାଣ ବାହାରି ଗଲାପରି ଲାଗୁଛି । ଉଠିବାକୁ ଶକ୍ତି ହେଉନାହିଁ । ମୋତେ ବଡ କଷ୍ଟ ଲାଗୁଛି । ଏହାଶୁଣି ସାବିତ୍ରୀ ବିଚାରକଲେ ମରଣ ନିକଟ ହେଲା । ଏହାଭାବି କହିଲେ, ଏହି କାନି ପଣତ ବିଛାଇ ଦେଉଛି, ଏଥିରେ ଶୟନ କରନ୍ତୁ । ଏହିକ୍ଷଣି ଦେହ ସୁସ୍ଥ ହେବ । ସାବିତ୍ରୀଙ୍କ ଜାନୁରେ

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

# ସାବିତ୍ରୀ ବ୍ରତ ପୂଜା ଓ କଥା

ମୁଣ୍ଡଦେଇ ସତ୍ୟବାନ ସେହି କାନି ପଣତରେ ଶୋଇଲେ । ସଂନ୍ଧ୍ୟା ପ୍ରବେଶ ହେଲା । ହେ କାନ୍ତ, ସଂନ୍ଧ୍ୟା ହେଲାଣି, ଉଠନ୍ତୁ । ସାବିତ୍ରୀ ଉଠାଇଲେ, ସତ୍ୟବାନ ଉଠିଲେ ନାହିଁ । ତହୁଁ ସାବିତ୍ରୀ ଆଉ ସ୍ଥିର ରହିନପାରି ଉଚ୍ଚ ସ୍ୱରରେ ରୋଦନ କରିବାକୁ ଲାଗିଲେ । ଏହି ସମୟରେ ଯମଦୂତମାନେ ପ୍ରବେଶ ହେଲେ । ପତିବ୍ରତା ସତୀ ଶିରୋମଣି ସାବିତ୍ରୀଙ୍କ ତେଜରେ ଯମଦୂତମାନେ କେହି ପାଖକୁ ପଶି ପାରିଲେ ନାହିଁ । ଫେରିଯାଇ ଯମକୁ କହିଲେ, ହେ ଜନ୍ତୁରାଜ, ସତ୍ୟବାନଙ୍କ ମୃତ୍ୟୁ ହେବାରୁ ଆଣିବାକୁ ଗଲୁ । କିନ୍ତୁ ସତ୍ୟବାନଙ୍କ ପତ୍ନୀ ସାବିତ୍ରୀଙ୍କୁ ଦେଖି ତାଙ୍କ ପାଖରେ ପଶି ପାରିଲୁ ନାହିଁ, ଫେରି ଆସିଲୁ । ଦୂତମାନଙ୍କ ଠାରୁ ଏପରିଶୁଣି ଜନ୍ତୁରାଜ ନିଜେ ସାବିତ୍ରୀଙ୍କ ନିକଟକୁ ଗମନ କଲେ । ସାବିତ୍ରୀ ଜାନୁ ଉପରେ କାନ୍ତଙ୍କୁ ଧରି ଅତି ଆତୁରରେ ରୋଦନ କରୁଛନ୍ତି । ସାବିତ୍ରୀଙ୍କ ବିକଳ ଦେଖି ଜନ୍ତୁରାଜ କହିଲେ, ହେ ମାତ, କାହିଁକି ରୋଦନ କରୁଅଛ ? ରୋଦନ କରନାହିଁ । ଜନ୍ମ ହେଲେ ମରଣ ଘଟେ । ଯେ ଯେତିକି ଦିନକୁ ଆସିଥାଏ, ସେ ସେତିକି ଦିନ ପୂର୍ଣ୍ଣ ହେଲେ ଫେରି ଚାଲିଯିବ । ଏଥିକି କାହିଁକି ରୋଦନ କରୁଅଛ ? ଆଉ କାନ୍ଦ ନାହିଁ । ଯମରାଜାଙ୍କ ଏପରି ବଚନ ଶୁଣି ସାବିତ୍ରୀ ପଚାରୁ ଅଛନ୍ତି, ତୁମେ କିଏ ସେ ? କେଉଁଠାରୁ ଆସିଲ, ତାହା ମୋତେ କୁହନ୍ତୁ, ମୋର ସନ୍ଦେହ ଫିଟିବ । ଯମ ସାବିତ୍ରୀଙ୍କ ବଚନ ଶୁଣି କହୁଛନ୍ତି, ମୁଁ ଜନ୍ତୁପତି ଯମରାଜ । ସତ୍ୟବାନଙ୍କୁ ନେବାପାଇଁ ଆସିଅଛି । ଯମଙ୍କ ଠାରୁ ଏପରି ଶୁଣି ସାବିତ୍ରୀ, ସତ୍ୟବାନଙ୍କୁ ଛାଡି ଦେଇ ଉଭା ହେଲେ । ସତ୍ୟବାନଙ୍କ ଦେହର ଜୀବନକୁ ଯମରାଜ ବାନ୍ଧିନେଇ ବାହାରିଲେ । ସାବିତ୍ରୀ ତାହାଙ୍କ ପଛେ ପଛେ ଚାଲିବାକୁ ଲାଗିଲେ । ଜନ୍ତୁରାଜ ଲେଉଟି ଚାହିଁ, ସାବିତ୍ରୀଙ୍କୁ ପଛରେ ଦେଖି କହିଲେ, ହେ ରାଜଜେମା, ତୁ କାହିଁକି କାନ୍ଦି କାନ୍ଦି ଆସୁଛୁ । ଘରକୁ ବାହାରି ଯା ।ଏହାଶୁଣି ସାବିତ୍ରୀ କହିଲେ, ହେ ଜନ୍ତୁରାଜ, ମୋର କାନ୍ତ ତୁମ୍ଭ ଭବନକୁ ଯାଉଛନ୍ତି । ମୁଁ ମଧ ତୁମ୍ଭ ସଙ୍ଗରେ ଯିବି । ଅନ୍ୟଥା ସଂସାରରେ କିଛି କାର୍ଯ୍ୟ ନାହିଁ । ଚାଲ ତୁମ୍ଭ ଭବନକୁ ଯିବା । ତୁମ୍ଭପରି ସତ୍‌ସଙ୍ଗ ମୋତେ ମିଳିବ ନାହିଁ । ତୁମ୍ଭେ ଅନୁଗ୍ରହ କରି ମୋତେ ସଙ୍ଗରେ ନିଅ । ମୋ ପ୍ରତି ବିରାଗ ହୁଅନ୍ତୁ ନାହିଁ । ଏହିପରି ସାବିତ୍ରୀଙ୍କ ବିନୟ ବଚନ ଶୁଣି, ଯମରାଜ ହସି ହସି କହୁଛନ୍ତି, ଗୋ ପତିବ୍ରତା ଶିରୋମଣି, ତୁମ୍ଭ ପ୍ରତି ଅତ୍ୟନ୍ତ ସନ୍ତୁଷ୍ଟ । ତୁମେ ସତ୍ୟବାନଙ୍କ ପ୍ରାଣ ଛଡା ମୋତେ ଯାହା ମାଗିବ ମୁଁ ତାହା ଦେବି ।

OdishaAstrology.com

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

# ସାବିତ୍ରୀ ବ୍ରତ ପୂଜା ଓ କଥା

ବଚନଶୁଣି ସାବିତ୍ରୀ କହିଲେ, ଶ୍ୱଶୁର ଅନ୍ଧ ଓ ରାଜ୍ୟହୀନ, ତାଙ୍କୁ ଚକ୍ଷୁ ଓ ରାଜ୍ୟ ପ୍ରଦାନ କରନ୍ତୁ । ଏହାଶୁଣି ଯମରାଜ ତଥାସ୍ତୁ ଚାଲିଗଲେ । ସାବିତ୍ରୀ ତାଙ୍କ ପଛରେ ଗୋଡାଇ ଅଛନ୍ତି । ଯମ ଫେରି ଚାହିଁ କହିଲେ, ତୁମ୍ଭେ ଘରକୁ ଫେରିଯାଅ । ଏହାଶୁଣି ସାବିତ୍ରୀ କହିଲେ, ତୁମ୍ଭେ ନାରାୟଣଙ୍କ ଅଂଶ, ମୁଁ ତୁମ୍ଭଙ୍କୁ ସେବା କରିବି । ମୋତେ ସଙ୍ଗରେ ନିଅନ୍ତୁ । ଏହାଶୁଣି ଜନ୍ତୁପତି କହିଲେ, ହେ ସୂତା, ଆଉ କି ବର ମାଗୁଛ ମାଗ ? ଏହାଶୁଣି ସାବିତ୍ରୀ କହିଲେ, ମୋର ପିତାଙ୍କର ପୁତ୍ର ନାହିଁ, ତାଙ୍କୁ ପୁତ୍ର ଦରକାର, ଜନ୍ତୁରାଜ ତଥାସ୍ତୁ କହି ଚାଲିଗଲେ । ସାବିତ୍ରୀ ତଥାପି ପଛରେ ଚାଲିଲେ । ଏହା ଦେଖି ଜନ୍ତୁରାଜ କହିଲେ, ହେ କନ୍ୟା, ସତ୍ୟବାନର ପ୍ରାଣ ଛଡା, ଅନ୍ୟ ଏକ ବର ମାଗ ? ସାବିତ୍ରୀ କହିଲେ, ସତ୍ୟବାନଙ୍କ ପରି ମୋର ଶହେ ପୁତ୍ର ହେଉ । ମୋତେ ଏହି ଆଜ୍ଞା କର । ଯମରାଜା ସାବିତ୍ରୀଙ୍କ ଭକ୍ତିଭାବ ଦେଖି ଭୋଳ ମାନସରେ ତଥାସ୍ତୁ କହି ସାବିତ୍ରୀଙ୍କୁ ଫେରି ଯିବାକୁ କହିଲେ । ତହୁଁ ସାବିତ୍ରୀ କହିଲେ ହେ ଦେବ, ଆପଣଙ୍କ କଥାତ ଆନ ନୁହଇ, ଆପଣ ଯେଉଁ ବର ଦେଲେ ତାହା କିପରି ଫଳିବ ? ସତ୍ୟବାନଙ୍କୁ ତୁମ୍ଭେ ଘେନି ଯାଉଅଛ, ମୋର ଶହେ ପୁତ୍ର କିପରି ହେବ ? ଏହାଶୁଣି ଜନ୍ତୁପତି ସ୍ଥିର ହୋଇଗଲେ ଓ ପରେ, କହିଲେ ହେ ସାବିତ୍ରୀ ଧନ୍ୟ ଧନ୍ୟ ତୁମ୍ଭ ସତୀପଣ । ତୁମେ ତିନିକୂଳ ଉଦ୍ଧାର କଲ, ମୋତେ ମଧ୍ୟ ବିନୟ ଗୁଣରେ ପରାଜିତ କଲ । ଏକଥା ତୋହର ବିଖ୍ୟାତ ହେବ । ଜ୍ୟେଷ୍ଠ କୃଷ୍ଣ ଅମାବସ୍ୟା ଦିନ ତୋର ନାମ ସ୍ମରଣ କରି ଯେଉଁ ନାରୀ ଶୁଚିବନ୍ତ ମନରେ ସାବିତ୍ରୀ ବ୍ରତ କରିବ, ସେହି ନାରୀ ଜନ୍ମେ ଜନ୍ମେ ସଧବା ଓ ପତିପରାୟଣା ହୋଇ ପୁତ୍ରବତୀ ଓ ଧନବତୀ ହେବ । ଅନ୍ତିମ କାଳରେ ବୈକୁଣ୍ଠ ପ୍ରାପ୍ତି ହେବ । ଏହା କହି ସତ୍ୟବାନଙ୍କୁ ଛାଡିଦେଲେ । ସାବିତ୍ରୀ ସତ୍ୟବାନଙ୍କ ପ୍ରାଣ ଧରି ଯେଉଁ ସ୍ଥାନରେ ସତ୍ୟ୍ୟବାନ ପଡିଅଛନ୍ତି ସେହି ସ୍ଥାନରେ ପ୍ରବେଶ ହେଲେ । ସାବିତ୍ରୀଙ୍କ ହସ୍ତରୁ ଜୀବ ଯାଇ ସତ୍ୟବାନଙ୍କ ପିଣ୍ଡରେ ପ୍ରବେଶ ହେଲା । ସତ୍ୟବାନ ନିଦ୍ରାରୁ ଉଠିଲା ପରି କହିଲେ, ଆଗୋ ପ୍ରିୟେ, କେତେ ରାତ୍ର ହୋଇଗଲା, ମୋତେ ଉଠାଇଲ ନାହିଁ । ପିତା ମାତା ବଡ ଦୁଃଖରେ ଥିବେ । ଏହା ଶୁଣି ସାବିତ୍ରୀ କହିଲେ, ଶୋଇଥିବା ଲୋକଙ୍କର ନିଦ୍ରା ଭାଙ୍ଗନ୍ତି ନାହିଁ । ଆଜି ରାତ୍ରି ଏହି ବୃକ୍ଷମୂଳରେ ରହିବା, ସକାଳ ହେଲେ ଗୃହକୁ ଯିବା । ସତ୍ୟବନସାବିତ୍ରୀଙ୍କ ଠାରୁ ଏପରି ବଚନ ଶୁଣି ରାତ୍ରକ ସେହିଠାରେ ରହିଗଲେ । ସତ୍ୟବାନ ହୁଛନ୍ତି, ଆଗୋ ପ୍ରିୟେ, ଆଜି

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

OdishaAstrology.com

# ସାବିତୀ ବ୍ରତ ପୂଜା ଓ କଥା

ରାତ୍ରରେ ମୁଁ ଗୋଟିଏ ସ୍ୱପ୍ନ ଦେଖିଲି । ଯମରାଜା ଆସି ମୋତେ ବାନ୍ଧି ଘେନି ଯାଉଥିଲେ । ତୁମ୍ଭେ ତାଙ୍କ ପଛରେ ଗୋଡାଉଥିଲ, ବହୁତ ବିନୟରେ ତୁମେ ମୋର ଜୀବନ ଆଣିଲ । ଏହିପରି ବହୁତ ସ୍ୱପ୍ନ ଦେଖିଲି । ସାବିତ୍ରୀ କହିଲେ ନିଶ୍ଚୟ ହୋଇଥିବ । ଏମନ୍ତ ସମୟରେ ସତ୍ୟବାନଙ୍କ ପିତା ମାତା ଅତି ବ୍ୟାକୁଳ ହୋଇ,ଏତେ ରାତ୍ର ହୋଇଗଲା ସତ୍ୟବାନ କାହିଁକି ଆସିଲା ନାହିଁ, ସଙ୍ଗରେ ବଧୁକୁ ନେଇଛି । ବନସ୍ତରେ କି ବିପତି ପଡିଲା, ମୋର ଚକ୍ଷୁକୁତ ଦିଶୁନାହିଁ । ମୁଁ କେଉଁଆଡେ ଯିବି ? ଏହାଭାବି ଶୋକ କରନ୍ତେ, ନିକଟସ୍ଥ ଋଷିମାନେ କହିଲେ, ହେ ରାଜା କାହିଁକି ଶୋକ କରୁଅଛ ? ତୁମ୍ଭର ସକଳ ମଙ୍ଗଳ ହେବ । ଆମ୍ଭଙ୍କୁ ସେହିପରି ଦୃଶ୍ୟ ହେଉଅଛି । ଋଷିମାନଙ୍କର ଏହିପରି ବଚନ ଶୁଣି ସେମାନେ ସ୍ଥିର ହେଲେ । ପରଦିନ ସତ୍ୟବାନ, ସାବିତ୍ରୀ ଗୃହକୁ ଆସିଲେ । ମୁନୀମାନେ ଓ ପିତାମାତା ଦେଖି ଅତି ଆନନ୍ଦରେ ପଚାରିଲେ, କାଲି ରାତ କେଉଁଠାରେ ଥିଲ ? ତହୁଁ ସାବିତ୍ରୀ ସକଳ କଥା ବୁଝାଇ କହିଲେ । ସାଧୁମାନେ ଏପରି ଶୁଣି କହିଲେ, ଧନ୍ୟରାଜଜେମା, ତୋର ପିତାମାତା ଧନ୍ୟ, ମୃତ ପତି ଜିଆଁଇଲା, ପିତାର ଅପୁତ୍ରିକ କୂଳ ରକ୍ଷାକଲ । ଶ୍ୱଶୁରଙ୍କୁ ରାଜ୍ୟ ଓ ଚକ୍ଷୁଦାନ ଦେଲ । ଯେଉଁମାନେ ଶୁଦ୍ଧ ମନରେ ଏହି ବ୍ରତ କରିବେ, ତାହାର ସମସ୍ତ ମଙ୍ଗଳ ହେବ । ଏହିପରି କେତେଦିନ ଗଲା ଉତାରୁ, ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଅମାବାସ୍ୟା ପ୍ରବେଶ ହେଲା । ସାବିତ୍ରୀ ଲକ୍ଷ୍ମୀନାରାୟଣ ବ୍ରତ କରିବାକୁ ପ୍ରାତଃକାଳୁ ଉଠି ସ୍ନାନ କଲେ, ଘର ଲିପାପୋଛା କଲେ, ପାଟପତନୀ ପିନ୍ଧିଲେ, ମୁଗବତୁରାଇଲେ, ତାଳ, ନଡିଆ, ଖଜୁରିକୋଳି, ପଣସ, ଆମ୍ବ, ଆଖୁ, କଦଳୀ, କାଚ, ଅଳତାପତ୍ର, କଳାମାଳି, ନୂଁଆଲୁଗା ସର୍ବ ଆୟୋଜନ କଲେ । ଲକ୍ଷ୍ମୀନାରାୟଣଙ୍କୁ ସ୍ଥାପିଲେ । ଘିଅ ଦୀପ ଜାଳି ନିଶଙ୍ଖୁଡି ଦ୍ରବ୍ୟମାନ ବାଢିଲେ । ଲକ୍ଷ୍ମୀନାରାଣଙ୍କୁ ସ୍ମରଣ କରି ନୈବେଦ୍ୟ କଲେ । ପୂଜା ଶେଷରେ ପ୍ରସାଦ ବାଂଟିଲେ । ଶାଶୁଶ୍ୱଶୁର ଓ ଗିରସ୍ତଙ୍କୁ ଓଳଗିଲେ । ସେହିଦିନଠାରୁ ସାବିତ୍ରୀ ବ୍ରତ ବିଖ୍ୟାତ ହେଲା । ସାମ୍ରାଜ୍ୟ ପାଇ ସମସ୍ତେ ସୁଖରେ ରହିଲେ । ସାବିତ୍ରୀଙ୍କ ପତି ସତ୍ୟ୍ୟବାନ ରାଜା ହେଲେ । ସାବିତ୍ରୀଙ୍କ ଶହେ କୁମର ହେଲା । ଅତି ସୁଖେ ପୁତ୍ରକୁ ରାଜା କରି ଅନ୍ତେ ସ୍ୱର୍ଗପୁର ଗଲେ । ଯେଉଁ ସ୍ତ୍ରୀ ମାନେ ଶୁଦ୍ଧ ମନରେ ସାବିତ୍ରୀ ବ୍ରତ କରନ୍ତି,ସେମାନେ ଏପରି ଫଳ ଲାଭ କରନ୍ତି । ମନଦେଇ ଯେଉଁ ନାରୀ ଶୁଣଇ ତାହାର ସର୍ବ ଶୁଭ ହୋଇ । ମନୋବାଂଛା ପୂର୍ଣ୍ଣ ହୁଅଇ । ଯୁଧିଷ୍ଠିର

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

OdishaAstrology.com

# ସାବିତ୍ରୀ ବ୍ରତ ପୂଜା ଓ କଥା

ନୃପତିଙ୍କୁ ଶ୍ରୀକୃଷ୍ଣ ସାବିତ୍ରୀ ବ୍ରତ କଥା କହିବାରୁ, ଧର୍ମସୂତ ଯୁଧିଷ୍ଠିର ଆନନ୍ଦିତ ହୋଇ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କଲେ । ଏହି ସାବିତ୍ରୀ ବ୍ରତ ସ୍ତ୍ରୀମାନଙ୍କର ଏକାନ୍ତ କର୍ତବ୍ୟ । ( ଇତିଶ୍ରୀ ସାବିତ୍ରୀ ବ୍ରତ କଥା ସମ୍ପୂର୍ଣ୍ଣ)

ବରୁଣପୂଜା ପରେ ନୂତନ କରି ବ୍ରତ କରୁଥିବା ମହିଳା ସଂକଳ୍ପ କରିବେ । ଶୁକ୍ଳାମ୍ବର ଧର ବିଷ୍ଣୁ ଠାରୁ ଅରମ୍ଭ କରି ସଂକଳ୍ପର ଶେଷଭାଗରେ *ଅଦ୍ୟଃ ଅମୁକମାସି ଅମୁକ ପକ୍ଷେ, ଅମୁକ ତିଥୌ, ଅମୁକ ବାସରେ, ଅମୁକ ରାଶି ନକ୍ଷତ୍ରେ ଶ୍ରୀ ଚନ୍ଦ୍ରମସି* ବୋଲିବା ପରେ ନିଜର ନାମ ଗୋତ୍ର ଉଚ୍ଚାରଣ ପୂର୍ବକ ( *ମମ ଇହ ଜନ୍ମନି ସଧବା,ସୁଖ,ସୌଭାଗ୍ୟ,ଧନ,ଜନ,ଗୋପଲକ୍ଷ୍ମୀ ଚତୁର୍ବର୍ଗ ଫଳପ୍ରାପ୍ତିପୂର୍ବକ ପତି ପରମେଶ୍ୱରସ୍ୟ ଦୀର୍ଘାୟୁ ଉଦ୍ଦେଶ୍ୟକ ସାବିତ୍ରୀ ପୂଜା ପୂର୍ବକ କଥାଶ୍ରବଣ ମହଂ କୁର୍ବିଯଃ* )।। ଇତି ସାବିତ୍ରୀ ବ୍ରତ ଓ ପୂଜା ।।(ସମାପ୍ତ).


ଜ୍ୟୋତିର୍ବିଦ୍ୟା ବିଶାରଦ ପଣ୍ଡିତ ପସନ୍ନ କୁମାର ମହାପାତ୍ର,ଏମ୍, ଏ, ବି, ଡି

ରାଶିଫଳ ଲେଖକ ଦୈନିକ ଧରିତ୍ରୀ, ଭୁବନେଶ୍ୱର, ଓଡିଶା

ଦୂରଭାଷ-୯୭୭୭୮୦୧୮୫୫ / ୮୭୬୩୩୪୫୭୫୮



**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855


OdishaAstrology.com